

ପଇସାକୁ ଯଦି ଜ୍ଞାନ ଅର୍ଜନରେ ଖଟାଇଲ ଜାଣି
ରଖ ସବୁଠାରୁ ଉଚ୍ଚ ହାରରେ ସୁଧ ମିଳିବ।
-ଫ୍ରାଙ୍କଲିନ୍



## ସଂକ୍ଷେପରେ

### ଖେଳୁଥିବା ବେଳେ ଛାତ୍ରଙ୍କ ମୃତ୍ୟୁ

ବୋରିଗୁମ୍ମା, ୨।୩(ଡ଼ି.ଏନ.ଏ): କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ଗୁମୁଡା ସେବାଶ୍ରମରେ ଖେଳୁଥିବା ବେଳେ ଜଣେ ଦ୍ୱିତୀୟ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଦଶମନ୍ତପୁର ବ୍ଲକ ଦୁଆରଶୁଣୀ ପଞ୍ଚାୟତ ଢେପଗୁଡା ଗ୍ରାମର ଭୀମ ମୁଦୁଲି (୭) । ମୃତ୍ୟୁର କାରଣ ଜଣାପଡ଼ିନାହିଁ ।

ଗୁମୁଡା ସେବାଶ୍ରମରେ ରହି ଭୀମ ପଢୁଥିଲେ । ପ୍ରତ୍ୟେକ ଦିନ ପରି ସେ ସାଙ୍ଗମାନଙ୍କ ସହ ଖେଳୁଥିଲେ । ଏହି ସମୟରେ ହଠାତ୍ ସେ ତଳେ ପଡିଯାଇ ଅଚେତ ହୋଇଯାଇଥିଲେ । ବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରଥମେ ତାଙ୍କୁ କୁମୁଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ପରେ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଡାକ୍ତର ମୃତ ଘୋଷଣା କରିଥିବା ବ୍ଲକ ମଙ୍ଗଳ ଅଧିକାରୀ ଗୁରୁବନ୍ଧୁ ପୂଜାରୀ ଙ୍କୁଟୁ ପ୍ରକାଶ କରିଛନ୍ତି ।

### ଜୁଆ ଆଡ୍ଡାରେ ଚଢାଉ, ୪ ଗିରଫ

ଜୟପୁର, ୨।୩ (ନି.ପ୍ର): ଜୟପୁର ଟାଉନ ପୋଲିସ ଜୁଆ ଆଡ୍ଡାରେ ଚଢାଉ କରି ୪ ଜଣଙ୍କୁ ଗିରଫ କରିଛି । ସେଠାରୁ ପୋଲିସ ୨ ହଜାର ଟଙ୍କା ଜବତ କରିଛି । ଏମଜି ରୋଡର ଡିଆଇଇଟି ସ୍କୁଲ ନିକଟରେ ଜୁଆ ଖେଳ ଚାଲୁଥିବା ପୋଲିସ ଖବର ପାଇ ଏହି ଚଢାଉ କରିଥିଲା । ପୋଲିସକୁ ଦେଖି ୮ ଜଣ ଜୁଆଡ଼ି ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ବେଳେ ୪ ଧରାପଡ଼ିଥିଲେ ।

### ନିରାକାର ସତ୍‌ସଙ୍ଗର ବାର୍ଷିକ ଉତ୍ସବ

ସେମିଳିଗୁଡା, ୨।୩(ସ୍ୱ.ପ୍ର ): ସେମିଳିଗୁଡା ଗାନ୍ଧୀ ନଗର ୨୨ ନମ୍ବର ୱାର୍ଡ଼ରେ ଥିବା ସେମିଳିଗୁଡା ନିରାକାର ସତସଙ୍ଗର ଦ୍ୱାଦଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମ ଦର୍ଶନ ପରେ ହିଁ ମନୁଷ୍ୟ ତାର ଜୀବନକୁ ସାର୍ଥକ କରିଥାଏ , ଯାହା କେବଳ ସଦ୍‌ଗୁରୁଙ୍କ କୃପାରୁ ହିଁ ପ୍ରାପ୍ତ ହୋଇଥାଏ । ମିଶନର ସଦଗୁରୁ ମାତା ସୁଦୀକ୍ଷାଜି ମହାରାଜଙ୍କ ନେତୃତ୍ୱରେ ଏହା ପାଳିତ ହୋଇଛି । ଏହି କାର୍ଯ୍ୟକ୍ରମରେ ପୋଚି ଲିମା ବ୍ରହ୍ମପୁର ଶାଖାର ଜ୍ଞାନ ପ୍ରଚାରକ ମହାତ୍ମା ଏନ. ରଘୁନାଥ ଜି ପ୍ରବଚନ ଦେଇଥିଲେ । ଅନାମ କୁମାର ସାହୁ, ରଞ୍ଜନ ଜି, ସୁନନ୍ଦ ଜି, ଶିଶିର ଜି, ହେମନ୍ତ ଜି, ବୋଧିରାମ ଜି, ସୁବାସ ଜି, ପ୍ରମୋଦ ଜି, ଗୁପ୍ତା ଜି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଏଥିରେ ପ୍ରାୟ ୩ ଶହରୁ ଉର୍ଦ୍ଧ୍ୱ ସନ୍ଥ ମହାତ୍ମା ଯୋଗ ଦେଇଥିଲେ ।

### ଦୁର୍ଘଟଣାରେ ଜଣେ ମୃତ

ଝରିଗାଁ, ୨।୩(ସ୍ୱ.ପ୍ର): ନବରଙ୍ଗପୁର ଜିଲା ଝରିଗାଁ ଥାନା ଅନ୍ତର୍ଗତ ଚକଲାପଦର ପଞ୍ଚାୟତ ଭରକିଭଟ୍ଟା ଗ୍ରାମରେ ବାଇକ ଦୁର୍ଘଟଣାରେ ଚାଳକଙ୍କ ମୃତ୍ୟୁ ହୋଇଛି । ଡାହିମାଲ ଗ୍ରାମର ଲୋକନାଥ ହରିଜନଙ୍କ ପୁଅ ବଳି ହରିଜନ(୩୫) ନିଜ ବାଇକରେ କଂଗ୍ରା ସାପ୍ତାହିକ ବଜାରରୁ ଘରକୁ ଫେରୁଥିବା ସମୟରେ ଦୁର୍ଘଟଣା ଗ୍ରସ୍ତ ହୋଇଥିଲେ । ଏହାପରେ ୧୦୮ ଆମ୍ବୁଲାନ୍ସରେ ବଳିଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା । ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ ।

### ନିଗମାନନ୍ଦ ଅଶ୍ରମର ବାର୍ଷିକ ଉତ୍ସବ

ନବରଙ୍ଗପୁର, ୨।୩(ବି.ପ୍ର.): ସ୍ଥାନୀୟ ନିଗମା ନନ୍ଦ ଆଶ୍ରମର ୨୪ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମାର୍ଗ ଦର୍ଶକ ଭାବେ ଯୋଗ ଦେଇ ମୁଖିଗୁଡା ଜଳସେଚନ ବିଭାଗରେ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ପ୍ରକାଶ ଚନ୍ଦ୍ର ମିଶ୍ର କହିଥିଲେ ଯେ ଭାରତ ଚିରଦିନ ଜଗତକୁ ଶାନ୍ତିର ମନ୍ତ୍ର ପ୍ରଦାନ କରିଛି । ଭାରତର ଗୃହସ୍ଥାଶ୍ରମରେ ଯଦି ପୁନଃଶ୍ଚ ଶାନ୍ତି ଶୃଙ୍ଖଳା ଓ ସନ୍ତୋଷ ଗୁଞ୍ଜରିତ ହୁଏ । ଦେଶରେ ପ୍ରେମ ପ୍ରିତୀ, ଏକତା ଓ ଭାଇଚାରାର ନବ ସୂର୍ଯ୍ୟର ଉଦୟ ହୋଇ ବିଶ୍ୱରେ ଆଦର୍ଶ ସୃଷ୍ଟି କରିବ । ଆଶ୍ରମର ସଭାପତି ନାରାୟଣ ପଣ୍ଡାଙ୍କ ଅଧକ୍ଷତା କରିଥିଲେ । ଆସନ୍ତାବର୍ଷ ଆଶ୍ରମର ରୌପ୍ୟ ଜୟନ୍ତି ପାଳନ ସମ୍ପର୍କରେ ବିଶେଷ ଆଲୋଚନା ହୋଇଥିଲା । ଆଶ୍ରମର ସମ୍ପାଦକ ନରେନ୍ଦ୍ର କୁମାର ପାଳ, ସଙ୍ଗଠନ ସମ୍ପାଦକ ଦାମୋଦର ବେହେରା, ମୁଖ୍ୟ ସଙ୍ଗୀତ ସେବକ ପ୍ରଫୁଲ୍ଲ କୁମାର ପଣ୍ଡା, ଶ୍ରୀମୁର୍ତ୍ତି ଶୃଙ୍ଗାର ସେବକ ଦେବବ୍ରତ ସାମନ୍ତରାୟ ଓ ଅଜୟ କୁମାର ଦାଶ, ଉଦୟନାଥ ମହାଳକ, ହଟକେଶ୍ୱର ବେହେରା, ଫୁଲ ଚନ୍ଦ ଭତରା, ରବିନ୍ଦ୍ର ସାହୁ, ଲକ୍ଷ୍ମୀକା' ପଣ୍ଡା, ଚିନ୍ମୟ ପାଳ, ଦିବ୍ୟାନନ୍ଦ ବେହେରା ପ୍ରମୂଖ ସହଯୋଗ କରିଥିଲେ ।

# କୁକୁଡ଼ାଙ୍କୁ ଦିଆଯାଉନି ପ୍ରତିଷେଧକ ଟିକା

- ଜୟପୁରରେ ବ୍ଲାର୍ଡ ଫ୍ଲୁ ଆତଙ୍କ
- ସପ୍ତାହକ ଭିତରେ ମଲେଣି ଶତାଧିକ କୁକୁଡ଼ା
- ଗ୍ରାମବାସୀ ଆତଙ୍କିତ

ଜୟପୁର, ୨।୩ (ନି.ପ୍ର/ଡ଼ି.ଏନ.ଏ)

ଜୟପୁରରେ ବାର୍ଡ଼ ଫ୍ଲୁ ଆତଙ୍କ । ସପ୍ତାହକ ଭିତରେ ଜୟପୁର ଓ ଏହାର ଆଖପାଖ ଅଞ୍ଚଳରେ ଶହ ଶହ ଦେଶୀ କୁକୁଡା ମଡକ । ଭେଟନାରି ବିଭାଗ ଚେଇଁ ଶୋଇଛି । କୁକୁଡାଙ୍କୁ ପ୍ରତିଷେଧକ ଟିକା ଦିଆଯାଉନାହିଁ । ଫଳରେ ଗ୍ରାମବାସୀ ଆତଙ୍କିତ ହୋଇ ପଡିଛନ୍ତି ।

ଜୟପୁର ବ୍ଲକ ଅନ୍ତର୍ଗତ ଟାଙ୍କୁଆ ସମେତ ମହାଲିଆପୁଟରେ ସପ୍ତାହକ ଭିତରେ ଶହ ଶହ କୁକୁଡା ମରି ପଡିଥିବା ଦେଖିବାକୁ ମିଳିଛି । କୁକୁଡାଗୁଡିକର ମୁଣ୍ଡ ବୁଲାଇବା ସହ ଝାଡା ହେଉଛି । ଏପରି ହେବାର ଦିନେ କି ଦୁଇ ଦିନ ମଧ୍ୟରେ କୁକୁଡାଗୁଡିକ ମରି ଯାଉଛନ୍ତି । ସ୍ଥାନୀୟ ଅଞ୍ଚଳର ଏହାକୁ ମରଡି ରୋଗ ବୋଲି ଗ୍ରାମବାସୀ ଆଶଙ୍କା କରିଛନ୍ତି ।



ମରି ପଡ଼ିଥିବା କୁକୁଡ଼ା ।

କୁକୁଡାଙ୍କ ଏପରି ରୋଗକୁ ଦେଖି ଚିନ୍ତାରେ ଗ୍ରାମବାସୀ ଓ ଖାଉଟି । କେତେକ ଲୋକ ମଲା କୁକୁଡାଙ୍କୁ ପୋତିବା ବଦଳରେ ଏହାର ମାଂସ ଖାଉଥିବା ଜଣାଯାଇଛି । ଏହାକୁ ନେଇ ସଂକ୍ରାମକ ବ୍ୟାପିକ ଆଶଙ୍କା ରହିଛି । ତେବେ ଏନେଇ ଭେଟେନାରି ବିଭାଗକୁ ସୂଚନା ଦିଆଯାଇଥିଲେ ମଧ୍ୟ ବିଭାଗ ତରଫରୁ ପ୍ରତିଷେଧକ ଟିକା ଦିଆଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହି ରୋଗରେ କେବଳ ଦେଶୀ କୁକୁଡା ମରୁଥିବା ଦେଖିବାକୁ ମିଳିଛି । କୌଣସି ସ୍ଥାନରେ ବି କୁକୁଡା ଫାର୍ମ ବା ବଏଲର କୁକୁଡା ମରୁ ନ ଥିବା ଭେଟେନାରି ମେଡିକାଲର ଅତିରିକ୍ତ ଭେଟେନାରୀ ସର୍ଜନ ଡାକ୍ତର ଲିନା କାର୍ଲା ପ୍ରକାଶ କରିଛନ୍ତି । ଏହା ମରଡି ବୋଲି ଅନୁମାନ କରାଯାଉଛି । ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯିବ । ରିପୋର୍ଟ ଆସିବା ପରେ ବାର୍ଡ ଫ୍ଲୁ ସମ୍ପର୍କରେ ଜଣାପଡ଼ିବ ବୋଲି ସେ କହିଛନ୍ତି । ଅନ୍ୟପଟେ ଟିକା ନ ଥିବାରୁ ଏହା ଗ୍ରାମବାସୀଙ୍କୁ ବଣ୍ଟାଯାଇ ନ ଥିବା କହିଛନ୍ତି । ଅନ୍ୟ କୁକୁଡ଼ାଙ୍କୁ ସଂକ୍ରମିତ କରିବା ପୂର୍ବରୁ ତୁରନ୍ତ ଭେକ୍ସିନ ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ଭାଲୁ ଆକ୍ରମଣରେ ଯୁବକ ଗୁରୁତର

ଦଶମନ୍ତପୁର, ୨।୩( ଡ଼ି.ଏନ.ଏ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ପିଣ୍ଡାପଦର ପଞ୍ଚାୟତ ନକିମାଳ ଗ୍ରାମ ନିକଟ ଜଙ୍ଗଲରେ ଭାଲୁ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି । ସେ ହେଲେ ସୁବାସ ଦିଶାରୀ(୨୫) । ତାଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି ।

ସୁବାସ ଓ ତାଙ୍କ ସାଙ୍ଗ ଲୁକୁ ଦିଶାରୀ କେଟ୍ରିଙ୍ଗା ଡଙ୍ଗରକୁ ଜାଳେଣି କାଠ ପାଇଁ ଯାଇଥିଲେ । ସେଠାରେ କାଠ ସଂଗ୍ରହ କରୁଥିବା ବେଳେ ହଠାତ୍ ଏକ ଭାଲୁ ଆସି ସୁବାସଙ୍କ ଗୋଡ଼କୁ କାମୁଡ଼ି ଧରିଥିଲା । ସୁବାସ ଭାଲୁ କବଳରୁ ମୁକୁଳିବା ଲାଗି ସଂଘର୍ଷ କରୁଥିବା ସମୟରେ ଚିତ୍କାର ଶୁଣି ପଛରେ ଆସୁଥିବା ଲୁକୁ ଏକ ଟାଙ୍ଗିଆ ଏବଂ ପଥରରେ ଭାଲୁକୁ ଚୋଟ ମାରିଥିଲେ । ପରେ ଭାଲୁଟି ସୁବାସଙ୍କୁ ଛାଡ଼ି ଜଙ୍ଗଲ ଭିତରକୁ ଚାଲି ଯାଇଥିଲା । ରକ୍ତ ଜୁଡୁବୁଡୁ ଅବସ୍ଥାରେ ସୁବାସଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ତାଙ୍କୁ ବନ ବିଭାଗ ପକ୍ଷରୁ ସହାୟତା ଯୋଗାଇ ଦେବା ଲାଗି ପରିବାର ଲୋକେ ଦାବି କରିଛନ୍ତି ।



ସୁବାସ ଦିଶାରୀ ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି ।

# ରୁବିନା ହତ୍ୟା ଘଟଣାରେ ୨ ଗିରଫ

ଲକ୍ଷ୍ମୀପୁର, ୨।୩(ଡି.ଏନ୍.ଏ.)

ଲକ୍ଷ୍ମୀପୁର ବ୍ଲକ କାକିରିଗୁମ୍ମା ଥାନା ଅଧୀନସ୍ଥ ଉମ୍ବମଝଡ଼ା ଗ୍ରାମର ରୁବିନା ଖୋସ୍ଲା ହତ୍ୟା ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ଚୈତନ୍ୟ ଡ଼ଙ୍ଗ୍ରି ଓ ସୁନା ବ୍ୟବସାୟୀ ଜଗବନ୍ଧୁ ସାହୁ ।

କିଛିଦିନ ପୂର୍ବରୁ ଚୈତନ୍ୟ ଓ ରୁବିନାଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । ଚୈତନ୍ୟଙ୍କ ଆଉ ଜଣେ ପ୍ରେମିକା ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ଗ୍ରାମରେ ଥିବା ରୁବିନା ଜାଣିବାକୁ ପାଇଥିଲେ । ବିବାହ କରିବାକୁ ଚୈତନ୍ୟଙ୍କୁ ବାଧ୍ୟ କରିଥିଲେ ରୁବିନା । ହେଲେ ଚୈତନ୍ୟ ବିବାହ କରିବାକୁ ରୋକ୍‌ଠୋକ୍ ମନା କରି ଦେଇଥିଲେ । ରୁବିନାଙ୍କୁ ସବୁଦିନ ପାଇଁ ହଟାଇବା ନିମନ୍ତେ ଯୋଜନା ରଚିଥିଲେ ଚୈତନ୍ୟ । ସେ ରୁବିନାଙ୍କୁ ଡ଼ାକି ଆଣି ଏକ ଟାଙ୍ଗିଆରେ ଗଳାକାଟି ହତ୍ୟା କରିଥିଲେ । ସେ ପିନ୍ଧିଥିବା ଏକ ତୋଳା ସୁନା ଗହଣାକୁ ନେଇ ଯାଇଥିଲେ । ଉକ୍ତ ସୁନାକୁ କାକିରିଗୁମ୍ମା ଗ୍ରାମର ବ୍ୟବସାୟୀ ଜଗବନ୍ଧୁଙ୍କୁ ବିକ୍ରିକରି ପୂର୍ବତନ ପ୍ରେମିକା ପାଖକୁ ଚାଲିଯାଇଥିଲେ ବୋଲି ପୋଲିସ ଆଗରେ ପ୍ରକାଶ କରିଛନ୍ତି । ଏ ନେଇ ଲକ୍ଷ୍ମୀପୁର ଏସ୍‌ଡିପିଓ ଅଶ୍ୱିନୀ କୁମାର ନାୟକ, କାକିରିଗୁମ୍ମା ଆଇଆଇସି ଧୀରେନ ପଟ୍ଟନାୟକ, ଲକ୍ଷ୍ମୀପୁର ଆଇଆଇସି ଗୌରହରି ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରି ଅଭିଯୁକ୍ତ ଚୈତନ୍ୟଙ୍କୁ ତେନ୍ତୁଳିଖୁଣ୍ଟି ଗ୍ରାମରୁ ଗିରଫ କରିଥିଲେ । ପୋଲିସ ହତ୍ୟାରେ ବ୍ୟବହୃତ ଟାଙ୍ଗିଆକୁ ଜବତ କରିବା ସହ ବ୍ୟବସାୟୀ ଜଗବନ୍ଧୁଙ୍କୁ ଗିରଫ କରିଥିଲା ।





ଗିରଫ ହୋଇଥିବା ୨ ଅଭିଯୁକ୍ତ ।

### କପି କରି ଧରାପଡ଼ିଲେ ୬ ପରୀକ୍ଷାର୍ଥୀ

ଦଶମନ୍ତପୁର, ୨।୩(ଡ଼ି.ଏନ.ଏ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକସ୍ଥିତ ସଦର ପଞ୍ଚାୟତ ମାଛପୁଟ ସରକାରୀ ଉଚ୍ଚ ବିଦ୍ୟାଳୟରେ ମାଟ୍ରିକ ପରୀକ୍ଷାର ଶେଷଦିନରେ ୬ ଜଣ କପି କରି ଧରାପଡ଼ିଛନ୍ତି । କୋରାପୁଟ ଜିଲା ଶିକ୍ଷାଧିକାରୀ ରାମଚନ୍ଦ୍ର ନାହକଙ୍କ ନେତୃତ୍ୱରେ ଅଚାନକ ଏକ ସ୍କ୍ୱାଡ ଉକ୍ତ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିଥିଲେ । ଏହି ସମୟରେ ଦଶମନ୍ତପୁର ହାଇସ୍କୁଲର ୪ ଛାତ୍ର, ଲୁଲା ସ୍କୁଲର ଜଣେ ଏବଂ ମରିଚିଗୁଡା ହାଇସ୍କୁଲର ଜଣେ ଛାତ୍ର କପି କରୁଥିବା ବେଳେ ଧରାପଡିଥିଲେ । ଏନେଇ ମାଛପୁଟ ସ୍କୁଲ ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ସୁପରିଣ୍ଟେଣ୍ଡେଣ୍ଟ ରଞ୍ଜନ କୁମାର ଧଳ ଏହି ସୂଚନା ଦେଇଛନ୍ତି ।

### ଦୁର୍ଘଟଣାରେ ୨ ଗୁରୁତର

ଦଶମନ୍ତପୁର, ୨।୩ (ଡ଼ି.ଏନ.ଏ)

ଦଶମନ୍ତପୁର ବ୍ଲକ ମୁର୍କାର ପଞ୍ଚାୟତ ବିରିଗୁଡ଼ା ଛକ ନିକଟରେ ଏକ ବାଇକ୍ ଓ ଅଟୋ ମୁହାଁମୁହିଁ ଧକ୍କା ହେବାରୁ ୨ ଜଣ ଗୁରୁତର ହୋଇଛନ୍ତି । ସେମାନେ ହେଲେ ଡୁମ୍ବାଗୁଡ଼ା ପଞ୍ଚାୟତ ଭିତରବାଗ୍ରୀ ଗ୍ରାମର ଲକ୍ଷ୍ମୀଧର ଜାନୀ(୨୫)ଓ କବିତ୍ର ଜାନୀ(୨୯) । ଉଭୟଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରେ କୋରାପୁଟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଲକ୍ଷ୍ମୀଧର ଓ କବିତ୍ର ବାଇକ ଯୋଗେ କାଶିପୁର ବ୍ଲକ ଅନ୍ତର୍ଗତ ବାଙ୍କାମ୍ବ ପଞ୍ଚାୟତ ବୋରିପୁଟ ଗ୍ରାମରେ ଏକ ବିବାହ କାର୍ଯ୍ୟରେ ଯୋଗଦେଇ ଫେରୁଥିଲେ । ବିରିଗୁଡ଼ା ଛକ ବାଇକ୍ ସହ ଅଟୋର ମୁହାଁମୁହିଁ ଧକ୍କା ହୋଇଥିଲା ।

# ସୈନିକ ସଂଘର କର୍ମକର୍ତ୍ତା ଚୟନ

ସୁନାବେଡା, ୨।୩

ଓଡିଶା ରାଜ୍ୟ ଭୂତପୂର୍ବ ସୈନିକ ସଂଘ, କୋରାପୁଟ ଜିଲା ଶାଖାର ବାର୍ଷିକ ସମାରୋହ ସୁନାବେଡା ମିଗ୍‌ନଗରୀ ସ୍ଥିତ ସଂଘ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି ବିଜୟ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଘର ସମସ୍ତ ସଦସ୍ୟ ଯୋଗଦେଇ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ସଂଘର ବରିଷ୍ଠ ସଦସ୍ୟ ଏସ.କେ ମହାପାତ୍ରଙ୍କୁ ରିଟର୍ନିଂ ଅଫିସର ଭାବେ ମନୋନୀତ କରାଯାଇ ସଂଘର ନୂତନ କର୍ମକର୍ତ୍ତାଙ୍କ ଚୟନ କରାଯାଇଥିଲା । ବିଜୟ କୁମାର ସାହୁ ସଭାପତି, ନିମାଇଁ ଚରଣ ନାୟକ ଉପସଭାପତି, ହେମନ୍ତ କୁମାର ମାଝୀ ସାଧାରଣ ସମ୍ପାଦକ, ପି କେ ସାହୁ ଯୁଗ୍ମସମ୍ପାଦକ, ସୁଶାନ୍ତ କୁମାର ଦାଶ କୋଷାଧ୍ୟକ୍ଷ ଭାବେ ସର୍ବ ସମତିକ୍ରମେ ମନୋନୀତ ହୋଇଛନ୍ତି । ସେହିପରି ନାରାୟଣ ମାର୍ଥା, କାଳିକିଙ୍କର ଗିରି, ଆର.କେ. ପାଇକରାୟ, ଉମେଶ ଚନ୍ଦ୍ର ଦାଶ ଏବଂ କନ୍ଦର୍ପ ବେହେରା କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ମନୋନିତ ହୋଇଛନ୍ତି । ଗୋବିନ୍ଦ ବଲ୍ଲଭ ପାଢୀ, ଜୟରାମ ସେନାପତି ଉପଦେଷ୍ଟା ଭାବେ ମନୋନୀତ କରାଯାଇଛି । ଏହିଅବସରରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ସଂଘର ସଦସ୍ୟ କନ୍ଧ ମହାରଣା, ସୁଧୀର କୁମାର ପ୍ରଧାନ, ସରୋଜ କୁମାର ପଣ୍ଡା, ଛନ୍ଦା ଚରଣ ଖମ୍ବାରୀ, ଇନ୍ଦ୍ର ମଣି ନାୟକ ଏବଂ ଅନିଲ ପଟ୍ଟନାୟକ ପରିଚାଳନା କରିଥିଲେ । ସଂଘ ଆଭିମୁଖ୍ୟକୁ ଅଧିକ ସକ୍ରିୟ ଭାବେ କାର୍ଯ୍ୟକାରୀ କରିବା ନେଇ ସମସ୍ତଙ୍କ ସହଯୋଗ କାମନା କରିଥିଲେ ନୂତନ ଭାବେ ମନୋନୀତ ହୋଇଥିବା ସଭାପତି ସାହୁ ।



ସଂଘର କର୍ମକର୍ତ୍ତାମାନେ ।

# ଜଗନ୍ନାଥ ସାଗର ଉନ୍ନତୀକରଣ ନେଇ ଆଲୋଚନା

କୋରାପୁଟ, ୨।୩(ସ୍ୱ.ପ୍ର)

କୋରାପୁଟ ଜିଲା ଜୟପୁରସ୍ଥିତ ଐତିହାସିକ ଜଗନ୍ନାଥ ସାଗରର ଉନ୍ନତୀକରଣ ଏବଂ ଏହାର ରକ୍ଷଣାବେକ୍ଷଣ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ମଧୁସୂଦନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଲୋକ ପ୍ରତିନିଧି, ବିଭିନ୍ନ ରାଜନୈତିକ ଦଳର ବ୍ୟକ୍ତିମାନେ ଉପସ୍ଥିତ ଥିଲେ । ରାଜରାଜୁଡା ସମୟରେ ଖନନ ହୋଇଥିବା ପ୍ରାୟ ୨ଶହ ଏକରର ଜଗନ୍ନାଥ ସାଗରରେ ଡ୍ରେନ ପାଣି ପ୍ରବେଶ କରୁଛି । ଫଳରେ ସାଗରର ପାଣି ପ୍ରଦୁଷଣ ହେବା ସହିତ ଦଳ ସୃଷ୍ଟି ହୋଇଛି । ଏଥିରୁ ଦଳ ସଫେଇ ନିମନ୍ତେ ରାଜ୍ୟର ଏକମାତ୍ର ଚିଲିକା ଉନ୍ନୟନ ସଂସ୍ଥାରେ ରହିଥିବା ସଫେଇ ମେଶିନ ଦ୍ୱାରା କରିବାକୁ ପ୍ରସ୍ତାବ ରହିଥିଲା । କିନ୍ତୁ ଉକ୍ତ ମେଶିନ ଖରାପ ରହିଥିବା ଯୋଗୁ ଏହାର ସଫେଇ ନେଇ ଆଶଙ୍କା ଦେଖାଦେଇଛି । ସେହିପରି କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଡ୍ରେନ ନିର୍ମାଣ କରାଯାଇ ସହରର ପୌରସଂସ୍ଥା ଡ୍ରେନ ସହିତ ସଂଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଠାରେ ଥିବା ଜବରଦଖଲକାରୀଙ୍କୁ ଉଚ୍ଛେଦ ନେଇ ରାଜସ୍ୱ ଏବଂ ପୌରସଂସ୍ଥା ପକ୍ଷରୁ ପଦକ୍ଷପ ନେବାକୁ କୁହାଯାଇଛି । ଏହି ବୈଠକରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ପୂର୍ବତନ ମନ୍ତ୍ରୀ ରବିନରାୟଣ ନନ୍ଦ, ଉପଜିଲାପାଳ ଲୋକନାଥ ଦଳବେହେରା, କ୍ଷୁଦ୍ର ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ସୁବାସ ସେଠୀ, ପୌର ନିର୍ବାହୀ ଯନ୍ତ୍ରୀ ଆଲୋକ ସାମନ୍ତରାୟ, ସହକାରୀ ଜିଲାପାଳ ଏନ.ଜଗଜ୍ଜୀବନ ଚୌଧୁରୀ, ଭାଜପା ନେତା ଗୌତମ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ ।

# ୨୦ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା



ଜଣେ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା କରାଯାଉଛି ।

ବୋରିଗୁମ୍ମା, ୨।୩(ଡ଼ି.ଏନ.ଏ)

କୋରାପୁଟ ଜିଲା ବୋରିଗୁମ୍ମା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୋରିଗୁମ୍ମା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ଆନୁକୂଲ୍ୟରେ ୨୦ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବିଧାୟକ ତାରାପ୍ରସାଦ ବାହିନୀପତି ମୁଖ୍ୟଅତିଥି, ଗୋଷ୍ଠୀ ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟବକ୍ତା, ଉପ- ଗୋଷ୍ଠୀ ଶିକ୍ଷା ଅଧିକାରୀ ଭଗବାନ ମାଝି, ଅଶୋକ କୁମାର ଗନ୍ତାୟତ, ରାମଚନ୍ଦ୍ର ପାଢୀ, ଜିଲା ସଂଘ ସଭାପତି ବିଜୟ କୁମାର ଷଡଙ୍ଗୀ, ସୁରେନ୍ଦ୍ର କୁମାର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସୁରେଶ କୁମାର ରାଉତ ଏବଂ ମୃତ୍ୟୁଞ୍ଜୟ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ସହ ସମ୍ପାଦକ ଏନ. କାମେଶ୍ୱର ରାଓ, କୋଷାଧକ୍ଷ ଲଳିତ ପଟ୍ଟନାୟକ, ସିଆରସିସି ପପିନା ନାୟକ, କବୀର କୁମାର ନାୟକ ପରିଚାଳନା କରିଥିଲେ ।

■ ରାଜ୍ୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

# ସମ୍ବଲପୁରର ସୌରଭ କୁମାର ସାହୁ ଚାମ୍ପିୟନ

ଜୟପୁର, ୨।୩ (ନି.ପ୍ର)

ଜୟପୁର ଲେକ ପ୍ଲେସିଡ ସଭାଗୃହଠାରେ କୋରାପୁଟ ସୁନ୍ଦର ସ୍ୱାସ୍ଥ୍ୟ ଓ ସୁନ୍ଦର ଶରୀର ସଂଘ ତରଫରୁ ରାଜ୍ୟସ୍ତରୀୟ ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସନ୍ତୋଷ କ୍ଲାସିକ ୨୦୨୦ ନାମରେ ଏହା ଆୟୋଜିତ ହୋଇଥିଲା । ଏଥିରେ ବିଭିନ୍ନ କିଲୋ ବର୍ଗର ପ୍ରତିଯୋଗୀ ଭାଗ ନେଇଥିଲେ । ୨୧୦ ପ୍ରତିଯୋଗୀ ୫୫ କିଲୋ ବର୍ଗରେ ଭାଗ ନେଇଥିଲେ । ଏଥିରେ ସୁଶାନ୍ତ ମଣିଆକା ପ୍ରଥମ, ଅର୍ଜୁନ ଅଡାର ଦ୍ୱିତୀୟ , ଜଗନ୍ନାଥ ପରିଜା ତୃତୀୟ, ଅକ୍ଷୟ କୁମାର ପ୍ରଧାନ ଚତୁର୍ଥ ଓ ପ୍ରଫୁଲ କୁମାର ଗୁଣ୍ଡା ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି । ସେହିପରି ୬୦ କିଲୋ ବର୍ଗରେ ବିକାଶ ରାମ ପ୍ରଥମ, କାର୍ତ୍ତିକ ଦାସ ଦ୍ୱିତୀୟ, ଶଙ୍କର ମେହେର ତୃତୀୟ, ଧୀରଜ କୁମାର ରାଓ ଚତୁର୍ଥ ଓ ଜୟରାମ ବଡନାୟକ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି । ୬୫ କିଲୋ ବର୍ଗରେ ବୋଲା ନାୟକ ପ୍ରଥମ, ରୁମନ ବର୍ଗଭା ଦ୍ୱିତୀୟ, ସୁରେନ୍ଦ୍ର କୁମାର ଦାଶ ତୃତୀୟ, ମହେଶ ନରେଶୁ ଚତୁର୍ଥ, ସଂଗ୍ରାମ କେଶରୀ ପ୍ରଧାନ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି । ଖେଳୁଆଡ ବର୍ଗରେ ସୁମନ ବଗର୍ତ୍ତି ପ୍ରଥମ, ରବୀନ କୁମାର ସାହୁ ଦ୍ୱିତୀୟ , ସନ୍ଦୀପ କୁମାର ଡାଲି ତୃତୀୟ, ସନ୍ତୋଷ ବକ୍ସି ଚତୁର୍ଥ ଓ ରୁତୁରାଜ ରାଉତ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି । ଦିବ୍ୟାଙ୍ଗ ବର୍ଗର ପୌରପରିଷଦ ବ୍ୟାୟାମ ଶାଳା କୋରାପୁଟର ଜଗନ୍ନାଥ ପରଜା ପାଇଥିବା ବେଳେ ଶେଷରେ ପ୍ରତ୍ୟେକ ବର୍ଗରୁ ନେଇ ରାଜ୍ୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏଥିରେ ସମ୍ବଲପୁରର ସୌରଭ କୁମାର ସାହୁ ଚାମ୍ପିୟନ ହୋଇଛନ୍ତି । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ନିରଞ୍ଜନ ଦାସ ଓ କିଶୋର ଚନ୍ଦ୍ର ହୋତା ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ନରେନ୍ଦ୍ର ନାଥ ନାୟକ, ଉପ ସଭାପତି ଜଗଦୀଶ ଚନ୍ଦ୍ର ମିଶ୍ର, ସଙ୍ଗଠନ ସମ୍ପାଦକ ସନ୍ତୋଷ ନାୟକ, ପ୍ରଦୀପ କୁମାର ମହାପାତ୍ର , ତୁଳସୀ ବେହେରା ପ୍ରମୁଖ ପରିଚାଳନା କରିଥିଲେ ।



ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀମାନେ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ମଙ୍ଗଳବାର, ମାର୍ଚ୍ଚ ୩ /୨୦୨୦ Rayagada, Tuesday, March 3/ 2020

# ଶତାଧିକ ଅଦିବାସୀଙ୍କ ନାମରେ ବ୍ୟାଙ୍କରୁ ଋଣ ଠକେଇ

**ମାଲକାନଗିରି, ୨।୩ (ଡି.ଏନ.ଏ.)**



ଜିଲାପାଳଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିବା ବ୍ୟକ୍ତିମାନେ ।

- ଜିଲାପାଳଙ୍କୁ ଜଣାଇଲେ ଲୋକେ
- ଦଲାଲଙ୍କ ଦ୍ୱାରା ହେଉଛନ୍ତି ଶୋଷିତ
- ଜିଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ

ମାଲକାନଗିରି ଜିଲାରେ ଦିନକୁ ଦିନ ଠକ ଏବଂ ଦଲାଲଙ୍କ ପ୍ରାଦୁର୍ଭାବ ବଢିବାରେ ଲାଗିଛି। ସେମାନେ ଜିଲାର ଆଦିବାସୀଙ୍କୁ ଟର୍ଗେଟ୍ କରୁଛନ୍ତି। ନିରୀହ ସରଳ ଆଦିବାସୀଙ୍କ ମନରେ ବିଶ୍ୱାସ ଜନ୍ମାଇ ସେମାନଙ୍କୁ ବିଭିନ୍ନ ଭାବରେ ଠକୁଛନ୍ତି। ସେମାନଙ୍କ ନାମରେ ହୋଇଥିବା ଏପରି ଏକ ବ୍ୟାଙ୍କ ଠକେଇ ଏବେ ପଦାକୁ ଆସିଛି। ସଦର ବ୍ଲକ ଚାଲାଣଗୁଡା ପଞ୍ଚାୟତ ତାଳପଦର, ଟିଂଟିବେରି, ପାହାଡଗୁଡା, କୋଡେଲ୍‌ପାଲି, ମାସାଗୁଡା, ଆଲୁର୍ ଆଦି ଆଦିବାସୀ ଗ୍ରାମରେ ବସବାସ କରୁଥିବା ଶତାଧିକ ଆଦିବାସୀଙ୍କୁ ଏପରି ଶୋଷଣ କରାଯାଇଛି। ତଣ୍ଡାପାଲି ଗ୍ରାମର ଗଙ୍ଗା ମାଡକାମି ସେମାନଙ୍କ ନିକଟରେ ପହଞ୍ଚି ବର୍ଷାରେ ନଷ୍ଟ ହୋଇଯାଇଥିବା ଧାନ ଏବଂ ଭାଙ୍ଗିରୁଜି ଯାଇଥିବା ଘର ପାଇଁ ସରକାର ଅନୁଦାନ ଦେଉଛନ୍ତି। ସେମାନେ ଏଥିରୁ ଲାଭ ଉଠାଇବା ଉଚିତ୍ ବୋଲି ଆଦିବାସୀମାନଙ୍କୁ ପ୍ରବର୍ତ୍ତାଇଥିଲେ। ସେମାନଙ୍କ ପଟ୍ଟା ସଂଗ୍ରହ କରିବା ସହ କେତେକ କାଗଜପତ୍ରରେ ଦସ୍ତଖତ ଓ ଟିପ ଚିହ୍ନ ନେଇଥିଲେ। ପ୍ରଥମ ପର୍ଯ୍ୟାୟରେ ୧୦ ଜଣଙ୍କ ପଟ୍ଟା ଏବଂ ନଥିପତ୍ର କରି ସେମାନଙ୍କ ମଧ୍ୟରୁ କାହାକୁ କେମିତି ୨/୫ ହଜାର ଟଙ୍କା ଦେଇଥିଲେ।। ଏହା ଜାଣିବା ପରେ ଟିଂଟି ବେରି ସହ ଅନ୍ୟ ଗ୍ରାମର ଲୋକମାନେ ମଧ୍ୟ ଗଙ୍ଗାଙ୍କୁ ସରକାରଙ୍କ ସହାୟତା ପାଇବା ଆଶାରେ ସେମାନଙ୍କ ଜମିପଟ୍ଟା ଏବଂ କାଗଜପତ୍ରରେ ଦସ୍ତଖତ ଦେଇଥିଲେ। ଗଙ୍ଗା ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ୨/୩ ହଜାର ଲେଖାଏ ଟଙ୍କା ଦେଇ ସେମାନଙ୍କ ପଟ୍ଟା ଫେରାଇଥିଲେ। ମାତ୍ର ୪ ବର୍ଷ ପରେ ମାଲକାନଗିରି ୟୁନିୟନ ବ୍ୟାଙ୍କ ପକ୍ଷରୁ ସମ୍ପୃକ୍ତ ଆଦିବାସୀଙ୍କ ନାମରେ ତୁରନ୍ତ ଋଣ ଶୁଝିବା ପାଇଁ ନୋଟିସ ଆସିଛି। ପ୍ରତ୍ୟେକଙ୍କ ନାମରେ ୩୦/୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଋଣ ଉଠାଯାଇଛି। ଏବେ ଏହା ସୁଧ ସହ ଶୁଝିବାକୁ ବ୍ୟାଙ୍କ କହିଛି। ତେବେ କେତେକଙ୍କ ନାମରେ ୮୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଶୁଝିବାକୁ ନୋଟିସ ଆସିଛି। ଏହି ନୋଟିସ୍ ପାଇବା ପରେ ଆମେ ଚାଷ ପାଇଁ କେହି ଋଣ ଆଣି ନ ଥିଲୁ। ବର୍ଷା ଦିନେ ଆମର ଘର ଏବଂ ଧାନ ନଷ୍ଟ ହୋଇଯିବାରୁ ସରକାର ଆମକୁ ସାହାଯ୍ୟ କରିଛନ୍ତି ବୋଲି କହିଛନ୍ତି। ତଣ୍ଡାପାଲି ଗ୍ରାମର ଗଙ୍ଗା ମାଡକାମି ଆମର ପଟ୍ଟା ନେଇ କାହାକୁ ୨ ହଜାର, ୩ ହଜାର ଓ ୪ ହଜାର ଟଙ୍କା ଦେଇଥିଲେ ବୋଲି ସେମାନେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ସୋମବାର ପାହାଡଗୁଡା ଗ୍ରାମର ସୁଲା ମାଢି, ଟିଂଟିବେରିର ଗଙ୍ଗା ପଡିଆମି, ରାମ କାର୍ତ୍ତାମି, ଇର୍ମା ପଡିଆମି, ଜଗା ମାଢି, ଦେବା ମାଢି, ସଞ୍ଜୟ ମାଢି, ଇର୍ମା କରାମିଙ୍କ ସହ ୫୦ରୁ ଊର୍ଦ୍ଧ୍ୱ ଆଦିବାସୀ ଚାଲାଣଗୁଡା ସରପଞ୍ଚ ପୁଷ୍ପାରାଣୀ ପଡିଆମିଙ୍କ ନେତୃତ୍ୱରେ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜିଲାପାଳଙ୍କୁ ଭେଟି ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଜିଲାପାଳ ମନୀଷ ଅଗ୍ରୱାଲ ଅଭିଯୋଗକାରୀଙ୍କଠାରୁ ସମସ୍ତ ଘଟଣା ଶୁଣିବା ପରେ ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନଙ୍କୁ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।




ସୋମବାର ଥିଲା ଚଳିତବର୍ଷର ମାଟ୍ରିକ ପରୀକ୍ଷାର ଶେଷଦିନ। ଚିତ୍ରକୋଣ୍ଡାର ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟରୁ ଛାତ୍ରୀମାନେ ପରୀକ୍ଷା ଦେଇସାରି ଖୁସିରେ ଫେରୁଛନ୍ତି।

# ଟ୍ରାକ୍ଟର-ବାଇକ ମୁହାଁମୁହିଁ, ଜଣେ ମୃତ, ୨ ଆହତ

**ଚିତ୍ରକୋଣ୍ଡା, ୨।୩(ଡି.ଏନ.ଏ.)**

ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ବଡପଦର ପଞ୍ଚାୟତର ବନଗୁରୁ କଲୋନୀ-ଲାମ୍ବାସିଂ ରାସ୍ତାର ବୁଲାଣିଠାରେ ଏକ ବାଇକ୍ ଓ ଟ୍ରାକ୍ଟର ମଧ୍ୟରେ ମୁହାଁମୁହିଁ ହୋଇ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ବାଇକ୍‌ରେ ଥିବା ଅନ୍ୟ ୨ଜଣ ଆହତ ହୋଇଛନ୍ତି। ମୃତକ ହେଉଛନ୍ତି ଧୂଳିପୁଟ ପଞ୍ଚାୟତ ଇସକାବନ୍ଧ ଗ୍ରାମର ଗଣପତି ରାଜନ ଦୋରା। ଦୋରାଙ୍କ ସହ ୩ଜଣ ବଡପଡା ଆଡୁ ବାଇକ୍‌ରେ ଯାଉଥିବା ବେଳେ ଚିତ୍ରକୋଣ୍ଡା ପଟୁ ଆସିଥିବା ଟ୍ରାକ୍ଟର ସହ ସେମାନଙ୍କ ଧକ୍କା ହୋଇଥିଲା। ଫଳରେ ଘଟଣା ସ୍ଥଳରେ ଗଣପତିଙ୍କ ମୃତ୍ୟୁ ହୋଇଥିଲା। ଦୁଇ ଆହତ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଏନେଇ ଗଣପତିଙ୍କ ପରିବାର ଥାନାରେ ଅଭିଯୋଗ କରିବାରୁ ଏକ ମାମଲା ରୁଜୁ ହୋଇଥିବା ଜଣାପଡିଛି।

# ବସ୍ତି ଅଞ୍ଚଳରେ ରହୁଥିବା ୨୯୦ ଜଣଙ୍କୁ ମିଳିବ ଘରଡିହ ପଟ୍ଟା

**ମାଲକାନଗିରି, ୨।୩ (ଡି.ଏନ.ଏ.)–**

ମାଲକାନଗିରି ପୌର ପରିଷଦରେ ଦୀର୍ଘବର୍ଷ ହେଲା ଝୁମ୍ପୁଡି ଘରକରି ବସବାସ କରୁଥିବା ୨୯୦ ଗରିବ ପରିବାରକୁ ଘରଡିହ ପଟ୍ଟା ମିଳିବାକୁ ନିଷ୍ପତ୍ତି ନିଆଯାଇଛି। ୨୦୧୭-୧୮ରେ ସହର ମଧ୍ୟରେ ଥିବା ବସ୍ତିଗୁଡିକର ଡ୍ରୋନ୍ କ୍ୟାମେରା ଯୋଗେ ଫୋଟ ଉତ୍ତୋଳନ କରାଯାଇ ସେମାନଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଇଥିଲା । ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ସହରର ବସ୍ତି ଅଞ୍ଚଳରେ ୨୦୧୭ରୁ ଝୁମ୍ପୁଡି ଘରେ ବସବାସ କରୁଥିବା ପରିବାରକୁ ଚିହ୍ନଟ କରି ସେମାନଙ୍କୁ ସହରାଞ୍ଚଳ ଥଇଥାନ ଯୋଜନାରେ ସାମିଲ୍ କରାଯିବ। ମାଲକାନଗିରି ସହରରେ ୩୧୮ ଜଣଙ୍କୁ ଚିହ୍ନଟ କରାଯାଇଥିବା ବେଳେ ଯାଞ୍ଚ ବେଳେ ୨୪ ଜଣ ବାଦ୍ ପଡିଛନ୍ତି। ସେମାନେ ନିଜ ସମ୍ପର୍କରେ ନିର୍ଦ୍ଦିଷ୍ଟ ତଥ୍ୟ ଦେଇ ନ ପାରିବାରୁ ଏବଂ ଜବରଦଖଲ କରି ପକ୍କା ଘର ନିର୍ମାଣ କରିଥିବାରୁ ସେମାନେ ଏଥିରୁ ବାଦ୍ ପଡିଛନ୍ତି। ସୋମବାର ଜିଲାପାଳ ମନୀଷ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଏନେଇ ତର୍ଜମା କରାଯାଇଥିଲା । ଯେଉଁମାନେ ଯୋଗ୍ୟ ବିବେଚିତ ହୋଇଛନ୍ତି ସେମାନଙ୍କ ସମ୍ପର୍କରେ ପୁନର୍ବାର ତଥ୍ୟ ସଂଗ୍ରହ କରାଯିବ। ସେମାନେ ପୂର୍ବରୁ କେଉଁଠି ଥିଲେ, ତାଙ୍କର ସମ୍ପତ୍ତି କେତେ ଥିଲା, କେଉଁ କାରଣରୁ ସେ ସହରରେ ଜବରଦଖଲ କରି ବସ୍ତିରେ ଅଛନ୍ତି, ସେମାନେ ଭାରତୀୟ କି ନାହିଁ ଏବିଷୟରେ ତଥ୍ୟ ସଂଗ୍ରହ କରାଯାଇ ଯୋଗ୍ୟ ବ୍ୟକ୍ତିଙ୍କୁ ସେମନଙ୍କ ସତ୍ତ୍ୱ ଅଧିକାର ପ୍ରଦାନ କରାଯିବ । ସେହିପରି ବାଲିମେଳା ବିଜ୍ଞାପିତ ଅଞ୍ଚଳରେ ୩୮୦ ବସ୍ତିବାସିନ୍ଦାଙ୍କୁ ଘରଡିହ ପଟ୍ଟା ଦେବା ପାଇଁ ଚିହ୍ନଟ କରାଯାଇଛି । ଖୁବ୍ ଶ୍ରୀଘ୍ର ଏମାନଙ୍କୁ ସତ୍ତ୍ୱ ଅଧିକାର ମିଳିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ, ଉପ ଜିଲାପାଳ ରାମେଶ୍ୱର ପ୍ରଧାନ, ବାଲିମେଳା ଡିଏସପି ସୁନାରାମ ହେମ୍ବ୍ରମ, ବାଲିମେଳା ପୌର ଅଧ୍ୟକ୍ଷା ଲକ୍ଷ୍ମୀ ପାଙ୍ଗି, ନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ରଥ, ମାଲକାନଗିରି ନିର୍ବାହୀ ଅଧିକାରୀ ଏମ.ନୀଳକଣ୍ଠ ନାଇଡୁ , ଯୋଜନାର ଜିଲା ସଂଯୋଜକ ରଶ୍ମିରଞ୍ଜନ ମହାନ୍ତି, ଜାଗା ମିଶନ ସଂଯୋଜକ ଜୟନ୍ତ ଗାଇନ୍, ଆଇନଜୀବୀ ଦୁର୍ଗା ପ୍ରସାଦ ତ୍ରିପାଠୀ, ନିତ୍ୟାନନ୍ଦ ପ୍ରଧାନ, ଦୁର୍ଯ୍ୟୋଧନ ପାତ୍ର ଉପସ୍ଥିତ ଥିଲେ।



ଘରଡିହ ପଟ୍ଟା ପ୍ରଦାନ ନେଇ ବସିଥିବା ବୈଠକ ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ



ପଇସାକୁ ଯଦି ଜ୍ଞାନ ଅର୍ଜନରେ ଖଟାଇଲ ଜାଣି ରଖ ସବୁଠାରୁ ଉଚ୍ଚ ହାରରେ ସୁଧ ମିଳିବ।
-ଫ୍ରାଙ୍କଲିନ୍



## ସଂକ୍ଷେପରେ

### ନାଳରେ ବୁଡ଼ି ଜେସିବି ଚାଳକ ମୃତ

ଟିକିରି, ୨।୩(ଡି.ଏନ୍.ଏ.): ରାୟଗଡ଼ା ଜିଲା କାଶୀପୁର ବ୍ଲକ ପୋଡ଼ାପାଡି ପଞ୍ଚାୟତ ପଟାଗଡ ନାଳରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଚାନ୍ଦିଲି ଥାନା ଅଧୀନ ଭୁଜବଳ ଗ୍ରାମର ଚେଦିବାଂଶ କୈଳାସ(୨୫)। ପୋଲିସ ପକ୍ଷରୁ ମିଳିଥିବା ସୂଚନାନୁଯାୟୀ, କୈଳାସ ଚେଦିବାଂଶରେ ରହୁଥିଲେ। ସେଠାରେ ସେ ଜେସିବି ଡ୍ରାଇଭରଭାବେ କାମ କରୁଥିଲେ। ସୋମବାର ସ୍ଥାନୀୟ ଏକ ନାଳକୁ ଗାଧୋଇବାକୁ ଯାଇଥିବାବେଳେ କୌଣସି କାରଣରୁ ବୁଡି ଯାଇ ତାଙ୍କର ମୃତ୍ୟୁ ହୋଇଥିଲା। ନାଳରେ କୈଳାସଙ୍କ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କାଶୀପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ବୋଲି ଟିକିରି ଆଇଆଇସି ସୁଜ୍ଞାନୀ ସାହୁ କହିଛନ୍ତି।

### ବିଜୁବାବୁଙ୍କ ଜୟନ୍ତୀରେ ବିଭିନ୍ନ କାର୍ଯ୍ୟକ୍ରମ



ପାରଳାଖେମୁଣ୍ଡି,୨।୩(ସ୍ୱ.ପ୍ର.):ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଉପଲକ୍ଷେ ଗଜପତି ଜିଲା ବିଜେଡି ପକ୍ଷରୁ ମାର୍ଚ୍ଚ ୫ରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏ ନେଇ ପାରଳାଖେମୁଣ୍ଡି ସର୍କିଟ୍ ହାଉସ୍ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ସମସ୍ତ କାର୍ଯ୍ୟକ୍ରମକୁ କିପରି ବ୍ଲକ୍, ପଞ୍ଚାୟତ ଓ ଗ୍ରାମାଞ୍ଚଳ ସ୍ତରରେ ସଫଳତାର ସହ ଆୟୋଜନ କରାଯାଇପାରିବ, ସେ ନେଇ କର୍ମୀମାନଙ୍କୁ ଆହ୍ୱାନ ଦିଆଯାଇଥିଲା। ମହିଳା ଦିବସରେ ମଧ ଦଳ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଥିବା କୁହାଯାଇଛି। ସମ୍ମିଳନୀରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ଜିଲା ସଭାପତି ପ୍ରଦୀପ ନାୟକ, ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ଅନ୍ତର୍ଯାମୀ ଗମାଙ୍ଗ, ଜିଲା କାର୍ଯ୍ୟକାରୀ ସଭାପତି ମାରୁତ କୁମାର ପାଲଙ୍କ ସମେତ ବହୁ ଜିଲାସ୍ତରୀୟ ନେତା ଉପସ୍ଥିତ ଥିଲେ।

### ୮୨ ଅଭିଯୋଗର ଶୁଣାଣି

ରାୟଗଡ଼ା ଅଫିସ, ୨।୩: ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସଦ୍‌ଭାବନା ଗୃହରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ଅନୁଷ୍ଠିତ ହୋଇଛି। ଏଥିରେ ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରା ୮୨ଟି ଅଭିଯୋଗର ଶୁଣାଣି କରିଛନ୍ତି। ୬ଜଣ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡରୁ ସହାୟତା ଦିଆଯାଇଛି। ସେହିଭଳି ରେଡକ୍ରସ ପକ୍ଷରୁ ୩ଜଣଙ୍କୁ ୪୫୦୦ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଏହି ସମୟରେ ଅନ୍ୟମାନଙ୍କ ମଧରେ ପିଡି ଅମ୍ରିତ ଋତୁରାଜ, ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ଏସପି ଡ. ସର୍ବଣା ବିବେକ ଏମ୍ ଏବଂ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

### ବିଦ୍ୟାଭେଙ୍କଟେଶ୍ୱର ସ୍ୱାମୀଙ୍କ ବ୍ରହ୍ମୋତ୍ସବ



ପାରଳାଖେମୁଣ୍ଡି,୨।୩(ସ୍ୱ.ପ୍ର.):ପାରଳାଖେମୁଣ୍ଡି ସହର ଉପକଣ୍ଠ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟରେ ସୋମବାର ଶ୍ରୀ ବିଦ୍ୟା ଭେଙ୍କେଟେଶ୍ୱର ସ୍ୱାମୀଙ୍କ ବ୍ରହ୍ମୋତ୍ସବ ଆରମ୍ଭ ହୋଇଛି। ଏଥିରେ ପୂଜକ ଆରାବେଲୀ ଶଙ୍କରାଚାର୍ଯ୍ୟଙ୍କ ନେତୃତ୍ୱରେ ଭୋର ୫ଟାରେ ଶ୍ରୀ ଜୀଉଙ୍କ ପ୍ରଭାତ ସେବା ଏବଂ ପରେ ନିତ୍ୟ ଆରାଧନା, ବାଲଭୋଗ, ମଙ୍ଗଳଆରତୀ ଅନୁଷ୍ଠିତ ହୋଇଥିଲା। ଏହା ପରେ ବିଶ୍ୱକ୍ଷଣ ଆରାଧନା, ରକ୍ଷାସୂତ୍ର ଧାରଣ, ବାସ୍ତୁପୂଜା, ଯୋଗେଶ୍ୱର ପୂଜା, ଦ୍ୱାରତୋରଣ, ଅନ୍ତଃଦେବତା ପୂଜା, ମୃତ୍ତିକା ସଂଗ୍ରହ, ମଙ୍ଗଳ ଆରତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଶ୍ରୀଜୀଉଙ୍କ କଲ୍ୟାଣ ଉତ୍ସବ, ହୋମ, ଭ୍ରମଣ ଉତ୍ସବ ସହ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ପୂଜାରେ ବିଶ୍ୱବିଦ୍ୟାଳୟର ଉପସଭାପତି ପ୍ରଫେସର ଡି.ଏନ୍. ରାଓ ଏବଂ ତାଙ୍କ ଧର୍ମପତ୍ନୀ ପଦ୍ମା ଉପସ୍ଥିତ ଥିଲେ। ମ୍ୟାନେଜର ରାମପ୍ରସାଦ ଦାଶଙ୍କ ସମେତ ସମସ୍ତ ଅଧାପକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ବାନ୍ଧୁ ନାହାନ୍ତି ସିଟ୍ ବେଲ୍ଟ, ପିନ୍ଧୁ ନାହାନ୍ତି ହେଲ୍‌ମେଟ୍

ରାୟଗଡ଼ା ଅଫିସ,୨।୩:

ଦୁର୍ଘଟଣା କମାଇବା ତଥା ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ୨୦୧୯ ସେପ୍ଟେମ୍ବରରେ ସରକାର ନୂତନ ମୋଟର ଯାନ ଆଇନ ଲାଗୁ କଲେ। ନିୟମାନୁଯାୟୀ ଆବଶ୍ୟକ କାଗଜପତ୍ର ପ୍ରସ୍ତୁତ କରିବାକୁ ୬ମାସ ଅବଧି ମଧ ଦେଲେ, ଯାହାକି ୨୯ ଫେବୃୟାରୀରେ ଶେଷ ହୋଇଛି। ୧ ତାରିଖରୁ ପୁଣି କଡାକଡି କରାଯାଇଛି ଗାଡି ମୋଟର ଯାଞ୍ଚ। ଏହା ସତ୍ତ୍ୱେ ମଧ ଲୋକେ ଟ୍ରାଫିକ ନିୟମ ମାନୁ ନାହାନ୍ତି। ଏବେବି ବିନା ସିଟ୍ ବେଲ୍ଟ ଓ ହେଲ୍‌ମେଟ୍‌ରେ ଗାଡି ଚଳାଉଛନ୍ତି ଚାଳକ। ସେହିଭଳି ସହରରେ ନୋ ହେଲ୍‌ମେଟ୍, ନୋ ପେଟ୍ରୋଲ ନିୟମକୁ ମଧ କେହି ମାନୁ ନ ଥିବା ଅଭିଯୋଗ ହୋଇଛି।

ରବିବାରଠାରୁ ରାୟଗଡ଼ା ସହରରେ ଗାଡି ମୋଟର ଯାଞ୍ଚ କଡାକଡି କରାଯାଇଛି। ନିୟମ ଖିଲାପକାରୀ ଚାଳକଙ୍କଠାରୁ ରବିବାର ପ୍ରଥମ ଦିନରେ ୧ଲକ୍ଷ ୩୯ହଜାର ଓ ସୋମବାର ଦ୍ୱିତୀୟ ଦିନରେ ୫୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହାସତ୍ତ୍ୱେ ସଚେତନ ହେଉନାହାନ୍ତି ଜନ ସାଧାରଣ। ଏବେବି ଅନେକ ଗାଡି ଚାଳକ ସିଟ୍ ବେଲ୍ଟ ଓ ହେଲ୍‌ମେଟ୍ ବ୍ୟବହାର କରୁ ନ ଥିବା ନଜରକୁ ଆସିଛି। ସେହିଭଳି ଅନେକ ଗାଡି ବିକୃତ ଶବ୍ଦ କରି ଯାତାୟାତ କରୁଛନ୍ତି। ଫଳରେ ଶବ୍ଦ ପ୍ରଦୂଷଣ ବଢିବା ସହ ଶିଶୁ ବରିଷ୍ଠ ନାଗରିକ ବିଶେଷଭାବେ ପ୍ରଭାବିତ ହେଉଥିବା ଅଭିଯୋଗ ହୋଇଛି। ଏଭଳି ଗାଡି ଚାଲିବା ଦ୍ୱାରା ସାହି, ଗଳିରେ ପାଠ ପଢୁଥିବା ପିଲାମାନେ ମଧ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଭାବକମାନେ କହିଛନ୍ତି। ସେହିଭଳି ସହରରେ ନୋ ହେଲମେଟ ନୋ ପେଟ୍ରୋଲ ନିୟମ ଲାଗୁ କରାଯାଇଥିଲା। ଏ ନେଇ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ଦିଲୀପ କୁମାର ଦଳେଇଙ୍କୁ ପଚାରିବାରୁ ବର୍ତ୍ତମାନ ମଦ୍ୟ ପାନ କରି ଗାଡ଼ି ଚାଳନା, ଭୁଲ ରାସ୍ତାରେ ଗାଡ଼ି ଚାଳନା, ହେଲମେଟ୍ ବ୍ୟବହାର ନ କଲେ, ୨ରୁ ଅଧିକ ଜଣ ବସିକି ଯାଉଥିବା ଚାଳକଙ୍କଠାରୁ ଜରିମାନା ନିଆଯାଉଛି। ସେହିଭଳି ସିଟ୍‌ବେଲ୍ଟ ନ ବାନ୍ଧିବା, ବିନା କାଗଜ ପତ୍ର ଓ ଲାଇସେନ୍ସରେ ଗାଡ଼ି ଚଳାଇଲେ ମଧ ଜରିମାନା ଆଦାୟ କରାଯାଉଛି। ଆଗାମୀ ଦିନରେ ଅନ୍ୟ ସମସ୍ତ ବିଷୟ ପ୍ରତି ଦୃଷ୍ଟି ଦିଆଯିବ ବୋଲି କହିଛନ୍ତି।



ରାୟଗଡ଼ା ସହରରେ ବିନା ହେଲ୍‌ମେଟ୍‌ରେ ଲୋକେ ଗାଡି ଚଳାଉଛନ୍ତି।

- ଡେଡ୍ ଲାଇନ୍ ସରିଲା, ଟ୍ରାଫିକ ନିୟମ ମାନୁନାହାନ୍ତି ଲୋକେ
- ଫେଲ୍ ମାରିଛି ନୋ ହେଲ୍‌ମେଟ୍, ନୋ ପେଟ୍ରୋଲ ନିୟମ
- ୨ଦିନରେ ପ୍ରାୟ ୨ଲକ୍ଷ ଜରିମାନା ଆଦାୟ

# ସରକାରୀ ଜମି ଜବରଦଖଲ ଅଭିଯୋଗ

- ଜବରଦଖଲକାରୀଙ୍କୁ ପ୍ରଶାସନର ନୋଟିସ

ଜେକେପୁର,୨।୩(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଜେକେପୁର ବ୍ଲକ କୁମୁଟିପେଣ୍ଟସ୍ଥିତ ଏକ ସରକାରୀ ଜମି ଜବରଦଖଲ ଅଭିଯୋଗରେ ଜେକେପୁର ଅଞ୍ଚଳର ଭାନୁପ୍ରସାଦ ମିଶ୍ରଙ୍କୁ ନୋଟିସ କରାଯାଇଛି। ସେ ସେଠାରେ ଏକ ଟିଣ ଛପର ଅସ୍ଥାୟୀ ଘର କରି ଭଡ଼ା ଦେଇଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ୩୨୬ ନଂ ଜାତୀୟ ରାଜପଥ କଡରେ ରହିଥିବା ସରକାରୀ ଜମିକୁ ଭାନୁପ୍ରସାଦ ଜବରଦଖଲ କରିଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ଏ ଦିଗରେ ପଦକ୍ଷେପ ନେବାକୁ ତହସିଲଦାର ଉମାଶଙ୍କର ବେହେରାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଉକ୍ତ ଜମି ଛାଡିବାକୁ ରାଜସ୍ୱ ଅଧିକାରୀ ଭାନୁପ୍ରସାଦଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଭାନୁପ୍ରସାଦ କିନ୍ତୁ ନ ମାନିବାରୁ ତାଙ୍କୁ ନୋଟିସ କରାଯାଇଛି ବୋଲି ତହସିଲଦାର ସୂଚନା ଦେଇଛନ୍ତି। ଗରିବ ଲୋକଙ୍କୁ ଜାଗା ଖଣ୍ଡେ ମିଳୁ ନ ଥିବା ବେଳେ ବଡ଼ବଡ଼ିଆଙ୍କ ଏଭଳି କାମକୁ ସ୍ଥାନୀୟ ଲୋକେ ନାପସନ୍ଦ କରିଛନ୍ତି। ଏହାର ତଦନ୍ତ କରାଯାଇ ଉଚିତ ପଦକ୍ଷେପ ନିଆଯାଉ ବୋଲି ଶାନ୍ତିନଗର ବାସିନ୍ଦା ଦାବି କରିଛନ୍ତି।



ଜବରଦଖଲ କରାଯାଇଥିବା ସରକାରୀ ଜମି।

# ଦ୍ୱିତୀୟ ଦିନରେ ଗଜ ଜ୍ୟୋତି-୨୦୨୦

ପାରଳାଖେମୁଣ୍ଡ,୨।୩(ସ୍ୱ.ପ୍ର.) :

ପାରଳାଖେମୁଣ୍ଡି ଉପକଣ୍ଠ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟରେ ଚାଲିଥିବା ଗଜଜ୍ୟୋତି-୨୦୨୦ର ଦ୍ୱିତୀୟ ଦିବସରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପରେ ପରେ ବିଶ୍ୱବିଦ୍ୟାଳୟର ପ୍ରଧାପକମାନଙ୍କ ଦ୍ୱାରା ମଧ ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ସେହିପରି ପ୍ରାଧ୍ୟାପକମାନଙ୍କ ଦ୍ୱାରା ନାଟକ "ଅଦେଖା ହାତ" ମଞ୍ଚସ୍ଥ ହୋଇଥିଲା। ପରେ ସିନିୟର ମ୍ୟାନେଜ୍‌ମେଣ୍ଟ ଟିମ୍ ଦ୍ୱାରା ଏକ ର‌୍ୟାମ୍ପ ଶୋ' ଅନୁଷ୍ଠିତ ହୋଇଥିଲା। ଏଥିରେ ଉପସଭାପତି ପ୍ରଫେସର ଡି.ଏନ୍. ରାଓ, ଡ. ଏସ. ପି. ନନ୍ଦ, ଡ. ଶୁଭେନ୍ଦୁ, ପ୍ରଫେସର ସନ୍ଦୀପନ ପାଇନ୍ ପ୍ରମୁଖ ଭାଗ ନେଇଥିଲେ। ନୃତ୍ୟ ସଙ୍ଗୀତ କାର୍ଯ୍ୟକ୍ରମରେ ରେଜିଷ୍ଟ୍ରାର ଡ. ଅନୀତା ପାତ୍ର, ଡ. ପ୍ରଜ୍ଞାପାଣି, ପ୍ରଫେସର୍ କାଳାପୂର୍ଣ୍ଣା ଏବଂ ପ୍ରଫେସର ପ୍ରଫୁଲ୍ଲ ପଣ୍ଡା ଅଂଶଗ୍ରହଣ କରିଥିଲେ। ପରେ ପରେ କଣ୍ଢେଇନାଚ, ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ସନ୍ଧ୍ୟାରେ ବିଭିନ୍ନ ପାରମ୍ପରିକ ଖାଦ୍ୟର ଆସର ଜମିଥିଲା। ସେହିପରି "ମାନୀସାଦ" ପରିବେଷିତ ହୋଇଥିଲା। ଶେଷରେ ଓଡିଶାର ପ୍ରସିଦ୍ଧ ଗାୟକ ଜୀତେନ୍ଦ୍ର ହରିପାଲ୍‌ଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ କାର୍ଯ୍ୟକର୍ତ୍ତା ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



ବିଶ୍ୱବିଦ୍ୟାଳୟରେ ଚାଲିଥିବା କାର୍ଯ୍ୟକ୍ରମ।

ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ

# ସରିଲା ମାଟ୍ରିକ ପରୀକ୍ଷା
## ଶେଷଦିନରେ କପି କରି ଧରାପଡିଲେ ୮ ପରୀକ୍ଷାର୍ଥୀ

ରାୟଗଡ଼ା ଅଫିସ, ୨।୩:

ସୋମବାର ମାଟ୍ରିକ ପରୀକ୍ଷା ଶେଷ ହୋଇଛି। ପରୀକ୍ଷାର ଶେଷଦିନରେ କପି କଲାବେଳେ ୮ ଜଣ ପରୀକ୍ଷାର୍ଥୀ ଧରାପଡିଛନ୍ତି। ସେମାନଙ୍କ ମଧ୍ୟରେ ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ଖିଲାମୁଣ୍ଡାସ୍ଥିତ ଏସ୍‌ଏସ୍‌ଡ଼ି ହାଇସ୍କୁଲରେ ୭ ଜଣ ଓ ଗୁମୁଡ଼ା ବ୍ଲକ ଦ୍ରୌପଦୀ ବିଦ୍ୟାପୀଠ ସ୍କୁଲରେ ଜଣେ ପରୀକ୍ଷାର୍ଥୀ କପି କରି ଧରାପଡ଼ିଛନ୍ତି।

# ଜିଲାରେ ୧୯ଟି କେନ୍ଦ୍ରରେ ହେବ +୨ ପରୀକ୍ଷା

ରାୟଗଡ଼ା ଅଫିସ, ୨।୩

ମଙ୍ଗଳବାର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଯୁକ୍ତ ୨ ପରୀକ୍ଷା ଆରମ୍ଭ ହେଉଛି। ବିଜ୍ଞାନ, ବାଣିଜ୍ୟ ଓ କଳାରେ ଜିଲାରେ ୬୨୦୦ରୁ ଊର୍ଦ୍ଧ୍ୱ ପିଲା ପରୀକ୍ଷା ଦେବେ। ୧୯ଟି କେନ୍ଦ୍ରରେ ଏହି ପରୀକ୍ଷା କରାଯିବ। ସମସ୍ତ କେନ୍ଦ୍ରରେ ସିସି ଟିଭି ବ୍ୟବସ୍ଥା କରାଯାଇଛି। ୫ଟି କେନ୍ଦ୍ରକୁ ଷ୍ଟ୍ରଙ୍ଗ ରୁମ ଭାବେ ଚୟନ କରାଯାଇଛି। ଏଥିରେ ୨୪ ଘଣ୍ଟା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଉକ୍ତ ଷ୍ଟ୍ରଙ୍ଗ ରୁମରେ ପ୍ରଶ୍ନପତ୍ର ରହିବ ବୋଲି ସୂଚନା ମିଳିଛି।

# ଦୁର୍ଘଟଣା ଏଡ଼ାଇବାକୁ ମକ୍‌ଡ୍ରିଲ

ରାୟଗଡା ଅଫିସ, ୨।୩:

ରାୟଗଡା ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ଇମ୍ଫା କାରଖାନାରେ ଅଗ୍ନିକାଣ୍ଡଜନିତ ଦୁର୍ଘଟଣା ଓ ତା'ର ନିରାକରଣ ନେଇ ମକ୍‌ଡ୍ରିଲ କରାଯାଇଛି। ଇମ୍ଫା କାରଖାନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କମ୍ପାନୀର ବାଷ୍ପୀୟ ବିଭାଗ ଉପନିର୍ଦ୍ଦେଶକ ସ୍ୱରୂପ କୁମାର ଜେନା, ସହକାରୀ ନିର୍ଦ୍ଦେଶକ ରଞ୍ଜିତ କୁମାର ନାଏକ, ଜିଲା ଅଗ୍ନିଶମ ଅଧିକାରୀ କବୀନ୍ଦ୍ର ସୁନାନୀ, ଜିଲା ଜରୁରିକାଳୀନ ଅଧିକାରୀ ଜ୍ୟୋତିର୍ମୟ ପାତ୍ର ଯୋଗ ଦେଇଥିଲେ। ଇମ୍ଫା ସୁରକ୍ଷା ବିଭାଗର ବରିଷ୍ଠ ପରିଚାଳକ ରାମକୃଷ୍ଣ ତ୍ରିପାଠୀ ସ୍ଥାନୀୟ ବିଶ୍ୱକର୍ମା ଭବନରେ ପ୍ରୋଜେକ୍ଟର ମାଧ୍ୟମରେ ଦୁର୍ଘଟଣା ଏଡାଇବା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ବୁଝାଇଥିଲେ। ଇମ୍ଫାର ବରିଷ୍ଠ ମହାପ୍ରବନ୍ଧକ ଇଭିଏସ୍ ଉମା ମହେଶ୍ୱର ଉତ୍ପାଦନ ପ୍ରଣାଳୀ ଏବଂ ଏଥିସହ ସଂଲଗ୍ନ ବିପଦସଙ୍କୁଳ ସ୍ଥାନ ସମ୍ପର୍କରେ ବୁଝାଇଥିଲେ। ଜରୁରିକାଳୀନ ପରିସ୍ଥିତିରେ କର୍ମଚାରୀ କିପରି ସତର୍କ ରହିବେ ଏବଂ ଶିଳ୍ପ ଦୁର୍ଘଟଣାରୁ ରକ୍ଷା ପାଇବା କୌଶଳକୁ ଇମ୍ଫା କର୍ମଚାରୀ ମକଡ୍ରିଲରେ ପ୍ରଦର୍ଶିତ କରିଥିଲେ। ଏହାକୁ ନେଇ ଉପସ୍ଥିତ ଅଧିକାରୀମାନେ କମ୍ପାନୀ କର୍ମଚାରୀଙ୍କୁ ପ୍ରଶଂସା କରିଥିଲେ। ଦୁର୍ଘଟଣାବେଳେ ଭୟଭୀତ ନ ହୋଇ ଧୈର୍ଯ୍ୟର ସହ ପଦକ୍ଷେପ ନେବାକୁ ଅଧିକାରୀମାନେ ପରାମର୍ଶ ଦେଇଥିଲେ। ସମୟ ସମୟରେ ଏଭଳି ଅଭ୍ୟାସ ଜରୁରୀ ବୋଲି ଅଧିକାରୀମାନେ ମତ ଦେଇଥିଲେ। କାରଖାନାର ଲୋକ ସମ୍ପର୍କ ବିଭାଗ ବରିଷ୍ଠ ପରିଚାଳକ ଶକ୍ତିପ୍ରସାଦ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଇମ୍ଫା କର୍ମଚାରୀମାନେ।

# ୫-ଟି କାର୍ଯ୍ୟକ୍ରମରେ ହିତାଧିକାରୀଙ୍କୁ ସହାୟତା

ଦୁର୍ଗୀ, ୨।୩:

ବିଷମକଟକ ବ୍ଲକ ଦୁର୍ଗୀସ୍ଥିତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ସୋମବାର ୫-ଟି କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ୧୨ଜଣଙ୍କୁ ବିଧବା ଭତ୍ତା, ୧୨ଜଣଙ୍କୁ ହରିଚନ୍ଦ୍ର ଯୋଜନାରେ ୨୦୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି। ବିଡିଓ ଆଲବର୍ଟ ଲାକ୍ରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଇ ପ୍ରଶାନ୍ତ ପାଣିଗ୍ରାହୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପିଇଓ ପ୍ରମୋଦ କୁମାର ମିଶ୍ର ପରିଚାଳନା କରିଥିଲେ।

# ଜୁଆ ଆଡ୍ଡାରେ ଚଢାଉ, ୪ ଗିରଫ

ଜୟପୁର, ୨।୩ (ନି.ପ୍ର):

ଜୟପୁର ଟାଉନ ପୋଲିସ ଜୁଆ ଆଡ୍ଡାରେ ଚଢାଉ କରି ୪ ଜଣଙ୍କୁ ଗିରଫ କରିଛି। ସେଠାରୁ ପୋଲିସ ୨ ହଜାର ଟଙ୍କା ଜବତ କରିଛି। ଏମଜି ରୋଡର ଡିଆଇଇଟି ସ୍କୁଲ ନିକଟରେ ଜୁଆ ଖେଳ ଚାଲୁଥିବା ପୋଲିସ ଖବର ପାଇ ଏହି ଚଢାଉ କରିଥିଲା। ପୋଲିସକୁ ଦେଖି ୮ ଜଣ ଜୁଆଡ଼ି ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ବେଳେ ୪ ଧରାପଡ଼ିଥିଲେ।

# କ୍ୱାର୍ଟର୍ସ କବାଟ ଭାଙ୍ଗି ୮ ଭରି ଅଳଙ୍କାର, ଟଙ୍କା ଚୋରି



ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଚାଲିଛି।

ରାୟଗଡ଼(ଗଜପତି),୨।୩(ଡି.ଏନ୍.ଏ.)

ଗଜପତି ଜିଲା ରାୟଗଡ଼ ଥାନା ଅଧୀନ ସଦର ମେଡିକାଲ୍ ପରିସର କ୍ୱାର୍ଟର୍ସରୁ ଚୋରି ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ସ୍ୱାସ୍ଥ୍ୟ ପରିଦର୍ଶକ ବିଶିକେଶନ ସେଠୀ ଶନିବାର କାର୍ଯ୍ୟ ସାରି ପରିବାର ସହ ପାତ୍ରପୁର ବ୍ଲକ୍ ନନ୍ଦିଗାଁ ଗ୍ରାମକୁ ଯାଇଥିଲେ। ରବିବାର ଘରକୁ ଫେରିବା ପରେ ଚୋରି ବିଷୟରେ ଜାଣିବାକୁ ପାଇଥିଲେ। ଘରେ ନ ଥିବାର ସୁଯୋଗ ନେଇ କେହି ଦୁର୍ବୃତ୍ତ କ୍ୱାର୍ଟର୍ସ କବାଟ ଭାଙ୍ଗି ଆଲ୍‌ମିରାରୁ ୮ ଭରି ଅଳଙ୍କାର ଏବଂ ୨ହଜାର ଟଙ୍କା ଚୋରି କରି ନେଇଥିବା ସେ ରାୟଗଡ଼ ଥାନାରେ ଏତଲା ଦେଇଛନ୍ତି। ଏହାକୁ ଭିତ୍ତିକରି ଥାନାରେ କେସ୍ ନଂ. ୧୨/୨୦ ରେ ଏକ ମାମଲା ରୁଜୁ କରାଯିବା ସହ ଆଇଆଇସି ଚନ୍ଦ୍ରକାନ୍ତ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ସେହିପରି ସୋମବାର ଏସ୍‌ଡିପିଓ ପ୍ରକାଶ ଚନ୍ଦ୍ର ଜେନା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବାବେଳେ ଅପରାହ୍ନରେ ଛତ୍ରପୁରରୁ ଏକ ସାଇଣ୍ଟିଫିକ୍ ଟିମ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଛନ୍ତି। ଶୀଘ୍ର ଅଭିଯୁକ୍ତ ଧରାପଡ଼ିବେ ବୋଲି ଆଇଆଇସି ପ୍ରଧାନ ସୂଚନା ଦେଇଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିରୁ ୮ ଜଣଙ୍କୁ ସହାୟତା



ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ଜିଲାପାଳ, ଏସ୍‌ପି ଓ ଅନ୍ୟମାନେ।

ପାରଳାଖେମୁଣ୍ଡି,୨।୩(ସ୍ୱ.ପ୍ର.)

ପାରଳାଖେମୁଣ୍ଡିସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଅନୁପମ ଶାହା ଏବଂ ଏସ୍‌ପି ସାରା ଶର୍ମା ଉପସ୍ଥିତ ରହି ବିଭିନ୍ନ ଅଭିଯୋଗକୁ ନେଇ ଆଲୋଚନା କରିଥିଲେ। ୧୧୫ ଅଭିଯୋଗ ଆସିଥିବାବେଳେ ୨୦ ମାମଲାର ଶୁଣାଣୀବେଳେ ହିଁ ସମାଧାନ କରାଯାଇଥିଲା। ସେହିପରି ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ୮ଜଣଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଥିବାବେଳେ ରେଡକ୍ରସ୍ ପାଣ୍ଠିରୁ ୩ଜଣଙ୍କୁ ୧୫ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଶୁଣାଣୀବେଳେ ଅତିରିକ୍ତ ଜିଲାପାଳ ଜ୍ଞାନରଞ୍ଜନ ଭଞ୍ଜଦେଓ ଉପସ୍ଥିତ ଥିଲେ।

# ପ୍ରଥମ ମାଚରେ ଏଲ୍‌ଏନ୍‌ସି ଡିକୋରଳ, ରେଲୱେ ଟିମ୍ ମୁହାଁମୁହିଁ

ବ୍ଲକସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ

ଟିକିରି, ୨।୩(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ଆଜାଦ ୟୁଥ୍ କ୍ଲବରେ ବ୍ଲକସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ମୁଖ୍ୟ ଅତିଥି, ଟିକିରି ସରପଞ୍ଚ କୁମାରୀ ପିଡିକା, ଟିକିରି ଥାନା ଏଏସ୍‌ଆଇ ବିକାଶ ପ୍ରଧାନ, ସାମାଜିକ କର୍ମୀ ବିଦ୍ୟା ଦୁରିଆ, ସନ୍ତୋଷ ମହାନ୍ତି, ରାଜୁ କୁଳଦୀପ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟର ଶୁଭ ଉଦ୍‌ଘାଟନ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ଆୟୋଜକ ୟଙ୍ଗଷ୍ଟାର, ଟିକିରି ରେଲୱେ ଟିମ୍, ଚର୍ତୁବେଣୀ, ଅଲଡ ଷ୍ଟାର, ସୁପରସ୍କାସର, ଏଲ୍‌ଏନ୍‌ସି ଡିକୋରଳ, ଡିମୁଣ୍ଡି, କାଶୀପୁର, ପହଣ୍ଡି, ଧର୍ମାଗୁଡ଼ା, କମ୍ପର, ମାଙ୍କଡଝୋଲା, ସିରିଗୁଡ଼ା, ଗକୁଲମୁଣ୍ଡା, ମୁଣ୍ଡା ଗାଁ ଆଦି ୧୬ଟି ଦଳ ଭାଗ ନେଇଛନ୍ତି। ପ୍ରଥମ ମ୍ୟାଚ ଏଲ୍‌ଏନ୍‌ସି ଡିକୋରଳ ଏବଂ ଟିକିରି ରେଲୱେ ଟିମ୍ ମଧ୍ୟରେ ଖେଳାଯାଇଥିଲା। ଏଥିରେ ରେଲୱେ ଟିମ୍ ଜିତିଥିଲା। ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ୧୧ ତାରିଖରେ ଖେଳାଯିବ। ବିଜେତା ଦଳକୁ ୨୦ହଜାର ସହ ଚାମ୍ପିୟନ ଟ୍ରଫି ଏବଂ ରନର୍ସଅପ୍ ଦଳକୁ ୧୦ ହଜାର ସହ ଟ୍ରଫି ଦିଆଯିବ ବୋଲି ଆୟୋଜକମାନେ କହିଛନ୍ତି।



ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ।